# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 11 January – 2026

***********************************

## ମୁଖ୍ୟ ସମ୍ବାଦ

- ଦେଶର ଐତିହ୍ୟ ସହ ଜଡିତ ରହି ବିକଶିତ ଭାରତ ଲାଗି ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

— ସୋମନାଥ ସ୍ୱାଭିମାନ ପର୍ବରେ ହେଲେ ସାମିଲ

- ସମ୍ବଲପୁରରେ ଅତ୍ୟାଧୁନିକ ଟ୍ରମା କେୟାର ସେଣ୍ଟର ଓ ଓପିଡି କୋଠାକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
- ରାଉରକେଲା ବିମାନ ଦୁର୍ଘଟଣାର ସ୍ଥିତି ଅନୁଧ୍ୟାନ କଲେ ପରିବହନ ସଚିବ

ଏବଂ

- ଯାଜପୁର ଜିଲ୍ଲାର ଉଦୟଗିରିଠାରେ ଆରମ୍ଭ ହେଲା ବୌଦ୍ଧଗୁରୁ ପଦ୍ମସମ୍ଭବ ସମାରୋହ ଏବଂ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ

# ପିଏମ୍ ସୋମନାଥ

ଦେଶର ଐତିହ୍ୟ ସହିତ ଜଡିତ ରହି ବିକଶିତ ଭାରତ ସ୍ୱପ୍ନ ସାକାର କରିବା ପାଇଁ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି। ଗୁଜୁରାଟର ଗୁଜୁରାଟରେ ସୋମନାଥ ସ୍ୱାଭିମାନ ପର୍ବ ସମାରୋହରେ ଏକ ସମାବେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି,ଏହି ପର୍ବ କେବଳ ଐତିହାସିକ ପୃଷ୍ଠଭୂମିକୁ ସ୍ମରଣ କରିବା ନୁହେଁ, ବରଂ ପରବର୍ତ୍ତୀ ପିଢ଼ି ପାଖରେ ଦେଶର ସାଂସ୍କୃତିକ ସମୃଦ୍ଧିକୁ ପହଞ୍ଚାଇବାର ଏକ ପଦକ୍ଷେପ । ଭାରତୀୟ ସମାଜ ସନ୍ତୁଳିତ ଜୀବନଯାପନକୁ ପ୍ରାଧାନ୍ୟ ଦେଇଥାଏ। ସୋମନାଥ ମନ୍ଦିର ପ୍ରତି ରହିଥିବା ଶ୍ରଦ୍ଧା ଅନ୍ୟକୁ କ୍ଷତି ନୁହଁ ବରଂ ଭଲପାଇବା ପାଇଁ ମାର୍ଗଦର୍ଶନ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## - V/O -(PM)

ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସୋମନାଥ ମହାଦେବଙ୍କ ପୂଜାର୍ଚ୍ଚନା କରିଥିଲେ। ୧୦୮ଟି ପ୍ରତୀକାତ୍ମକ ଅଶ୍ୱ ସହ ଆୟୋଜିତ ଏକ ବିଶାଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଶୌର୍ଯ୍ୟ ଯାତ୍ରା ଦେଶର ପରାକ୍ରମ, ପରମ୍ପରା ଓ ସଂସ୍କୃତିର ଭବ୍ୟ ପ୍ରତୀକ ଅଟେ।

## ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସମ୍ବଲପୁର ଜିଲ୍ଲା ସଦର ମହକୁମା ଡାକ୍ତରଖାନା ପରିସରରେ ନୂତନ ଭାବେ ନିର୍ମିତ ଅତ୍ୟାଧୁନିକ ଟ୍ରମା

କେୟାର ସେଣ୍ଟର ଓ ଓପିଡି କୋଠାର ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସମୟରେ ଦୁର୍ଘଟଣା ହାର ବଢ଼ି ଚାଲିଥିବାରୁ ପ୍ରତ୍ୟେକ ଜିଲ୍ଲାରେ ଟ୍ରମା କେୟାର ସେଣ୍ଟରର ଆବଶ୍ୟକତା ବୃଦ୍ଧି ପାଇଛି। ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ଓ ସୁନିଶ୍ଚିତ ଚିକିତ୍ସା ଯୋଗାଇଦେବା ଏହି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ। ସରକାର ରାଜ୍ୟର ସମସ୍ତ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଡାକ୍ତରଖାନାଗୁଡ଼ିକରେ ଟ୍ରମା କେୟାର ସେଣ୍ଟର ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ମୋଟ୍ ୮୯ ଟି ଅତ୍ୟାଧୁନିକ ଟ୍ରମା କେୟାର ସେଣ୍ଟର ଖୋଲିବାକୁ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି। ସମ୍ବଲପୁର ଟ୍ରମା କେୟାର ସେଣ୍ଟର ଓ ଓପିଡି ନିର୍ମାଣ ପାଇଁ ୨୧ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି।

ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ସମ୍ବଲପୁରେ ସହରବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ୪୫୧ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟରେ ଏକ ବୃହତ୍ ଜଳଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରକଳ୍ପ ଅଧୀନରେ ସହର ମଧ୍ୟରେ ପ୍ରାୟ ୩୪୦ କିଲୋମିଟର ଦୀର୍ଘ ପାଣି ପାଇପ୍ ଲାଇନ୍ ବିଛାଯିବାର ଯୋଜନା ରହିଛି। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଦୈନିକ ୧୦୦ ମିଲିୟନ୍ ଲିଟର ପାନୀୟ ଜଳ ଘରେ ଘରେ ପହଞ୍ଚି ଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ରାଉରକେଲା ଦୁର୍ଘଟଣା

ରାଉରକେଲା ବିମାନ ଦୁର୍ଘଟଣାସ୍ଥଳରେ ଆଜି ବିମାନ ଦୁର୍ଘଟଣା ଅନୁସନ୍ଧାନ ବ୍ୟୁରୋ ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟର ଦଳ ପହଞ୍ଚି ତଦନ୍ତ କାର୍ଯ୍ୟ ଆରମ୍ଭ କରିଛନ୍ତି। ପରିବହନ ସଚିବ ଉଷା ପାଢ଼ୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଶ୍ରୀମତୀ ପାଢୀ କହିଛନ୍ତି, ରାଜ୍ୟ ସରକାର ଘଟଣା ସମ୍ପର୍କରେ ନିୟମିତ ଭାବେ ଅନୁଧ୍ୟାନ କରୁଛନ୍ତି। ଆହତମାନଙ୍କ ଚିକିତ୍ସା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ସ୍ୱତନ୍ତ୍ର ଡାକ୍ତରୀଦଳ ସେମାନଙ୍କ ଚିକିତ୍ସାରେ ନିୟୋଜିତ ହୋଇଛନ୍ତି ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି।

**- V/O - (ଉଷା ପାଢ଼ୀ)**

ଦୁର୍ଘଟଣାରେ ଆହତ ଯାତ୍ରୀଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଆଜି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

## ସିଟ୍ ବୃଦ୍ଧି

ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜର ସ୍ନାତକୋତ୍ତର ବିଭାଗରେ ଆହୁରି ୧୯ଟି ସିଟ୍ ବୃଦ୍ଧି ପାଇବ। ଏ ନେଇ ରାଜ୍ୟ ମେଡିକାଲ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶକଙ୍କ ପକ୍ଷରୁ ପତ୍ର ମାଧ୍ୟମରେ ଏମ୍‌କେସିଜି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଏଥିମଧ୍ୟରେ ଚକ୍ଷୁ, ଜେନେରାଲ ସର୍ଜରୀ, ପାଥୋଲୋଜୀ ଆଦି ବିଭାଗ ରହିଛି।

## ପଦ୍ମସମ୍ଭବ ସମାରୋହ

**ଯାଜପୁର** ଜିଲ୍ଲାର ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରି ପରିସରରେ ଦ୍ୱିତୀୟ ବାର୍ଷିକ ବୌଦ୍ଧଗୁରୁ ପଦ୍ମସମ୍ଭବ ସମାରୋହ ଆଜି ଅପରାହ୍ଣରେ ଉଦ୍‌ଘାଟିତ ହୋଇଯାଇଛି । ଗଜପତି ଜିଲ୍ଲା ଜିରାଙ୍ଗସ୍ଥିତ ବୌଦ୍ଧ ବିହାରର ଗୁରୁ ଜିଗ୍‌ମୟ ରିନୋପୋଚୋ ଏହି ବୌଦ୍ଧ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି । ଚଳିତମାସ ୧୧ ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ବୌଦ୍ଧ ଧର୍ମ ପ୍ରାର୍ଥନା ସମାରୋହରେ ଭାରତ ସମେତ ଅନ୍ୟ ୧୬ଟି ବିଦେଶୀ ରାଷ୍ଟ୍ରର ବୌଦ୍ଧ ସନ୍ୟାସୀମାନେ ଏଥିରେ ସାମିଲ ହୋଇଛନ୍ତି । ନେପାଳ, ଭୁଟାନ, ତାଇଓ୍ୱାନ, ଥାଇଲାଣ୍ଡ, ମିଆଁମାର, ଭିଏତ୍‌ନାମ, ବ୍ରାଜିଲ, ଆମେରିକା, ଇଂଲଣ୍ଡ, ବାଂଲାଦେଶ ଓ ତିବତ୍ ଆଦି ୧୭ଟି ଦେଶର ୧୬ ଶହ ବୌଦ୍ଧ ସନ୍ୟାସୀ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ଉଦୟଗିରିରେ ଆସି ପହଞ୍ଚିଛନ୍ତି ।

## କୁମ୍ଭୀର ଗଣନା

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଗୋଖରଙ୍କ ତତ୍ତ୍ୱାବଧାନରେ ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ଖମାରି ଗ୍ରାମପଞ୍ଚାୟତ ସଂଲଗ୍ନ ଘୋଡାହାଡ ନଦୀବନ୍ଧରେ ଚାଲିଥିବା କୁମ୍ଭୀର ଗଣନା କାର୍ଯ୍ୟ ଶେଷ ହୋଇଛି । କୁମ୍ଭୀର ଗଣନା ପାଇଁ ବନବିଭାଗ ପକ୍ଷରୁ ୨୫ଟି ଦଳ ଗଠନ କରାଯିବା ସହ ଦିଗପହଣ୍ଡିର ଭାରପ୍ରାପ୍ତ ରେଞ୍ଜର ସନ୍ତୋଷ ବିଶୋୟୀଙ୍କ ନେତୃତ୍ୱରେ ୨୫ରୁ ଉର୍ଦ୍ଧ୍ୱ ବନ କର୍ମଚାରୀ ଏହି କାର୍ଯ୍ୟରେ ନିୟୋଜିତ ଥିଲେ । ଘୋଡାହାଡ ଡ୍ୟାମରେ ୬୩ଟି କୁମ୍ଭୀର ରହିଥିବାବେଳେ ଅନ୍ୟାନ୍ୟ ଜଳାଶୟରେ ୩୨ଟି କୁମ୍ଭୀର ରହିଥିବା

ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଚଳିତବର୍ଷ ଡ୍ୟାମ୍‌ରେ ୯୫ଟି ମଗର ପ୍ରଜାତିର କୁମ୍ଭୀର ରହିଥିବା ଗଣନାରୁ ଜଣାପଡିଛି।

## ପଟ୍ଟା ପ୍ରଦାନ

**ମାଲକାନଗିରି** ଜିଲ୍ଲାର ଦାମାବେଡା ଗ୍ରାମରେ ବନବିଭାଗ ପକ୍ଷରୁ ଆଜି ଜଙ୍ଗଲ ନିଆଁ ପରିଚାଳନା, ବନ୍ୟଜନ୍ତୁ ସୁରକ୍ଷା ଓ ସଚେତନତା ଓ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଥିଲି ବନାଞ୍ଚଳ ଅଧିକାରୀ ବସୁଦେବ ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ଯୋଗଦେଇ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ୮୯ଟି ବନବାସୀ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଥିଲା।

# କୃଷି ଯନ୍ତ୍ରପାତି ମେଳା

**କନ୍ଧମାଳ** ଜିଲ୍ଲା ଫୁଲବାଣୀ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୀତାକାନ୍ତ ରାଉତ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ୍ ଏହାକୁ ଉଦ୍‌ଘାଟନ କରିଛନ୍ତି। କୃଷି ଯନ୍ତ୍ରପାତି ବିପଣନ ମେଳାର ମୁଖ୍ୟ ଉଦ୍ଦେଶ୍ୟ ଥିବାବେଳେ ସରକାର ରିହାତି ମାଧ୍ୟମରେ ଚାଷୀଙ୍କୁ ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ଯୋଗାଇ

ଦେବାର ବ୍ୟବସ୍ଥା କରିଛନ୍ତି ବୋଲି ସ୍ଥାନୀୟ ବିଧାୟକ ଚାଷୀମାନଙ୍କୁ ଅବଗତ କରିଛନ୍ତି ।

## ପ୍ରାଣୀସମ୍ପଦ ମେଳା

ଭଦ୍ରକ ଜିଲ୍ଲା ନେହେରୁ ଷ୍ଟାଡିୟମ୍‌ଠାରେ ଜିଲ୍ଲାସ୍ତରୀୟ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଜିଲ୍ଲାର ୭ଟି ବ୍ଲକ୍‌ରୁ ଆସିଥିବା ଶତାଧିକ ମଣ୍ଡପ ବୁଲି ଦେଖିଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକ୍ ପଞ୍ଚାୟତର ବହୁ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସଚେତନତା କାର୍ଯ୍ୟକ୍ରମ

**ଗଞ୍ଜାମ** ଜିଲ୍ଲାର ଛତ୍ରପୁର ସ୍ଥିତ ତାଲୁକ୍ ଆଇନ୍‌ସେବା କମିଟି ପକ୍ଷରୁ ଛତ୍ରପୁର ଉପକାରାଗାର ପରିସରରେ କଏଦୀମାନଙ୍କ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଦୀପ କୁମାର ସାମଲ ଅଧ୍ୟକ୍ଷତା କରି ନିଶା ସେବନ ନ କରିବାକୁ ବନ୍ଦୀମାନଙ୍କୁ ପରାମର୍ଶ ଦେଇଥିଲେ । କଏଦୀମାନେ ଆଇନ୍‌ର ସାହାଯ୍ୟ ନେବା ଉପରେ ଶ୍ରୀ ସାମଲ ଗୁରୁତ୍ୱାରୋପ କରିଥିଲେ ।

## ବିଦ୍ୱାନ ସମ୍ମିଳନୀ

**ନୟାଗଡ଼** ଜିଲ୍ଲାର ଭାପୁର ବ୍ଲକ୍ ଅନ୍ତର୍ଗତ ଫତେଗଡ଼ ଶ୍ରୀରାମ ମନ୍ଦିର ପରିସରରେ ଏକ ବିଦ୍ୱାନ ସମ୍ମିଳନୀ ଆୟୋଜିତ ହୋଇଯାଇଛି ।

କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଝାଡଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ତଥା ଜାତୀୟ ମାନବାଧିକାର କମିଶନ ସଦସ୍ୟ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଯୋଗଦେଇ ମାନବାଧିକାରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ସମେତ ବହୁ ଆଇନ୍ ବିଶେଷଜ୍ଞ ଯୋଗଦେଇଥିଲେ।

## ପଥୋତ୍ସବ

**କଳାହାଣ୍ଡି**ରେ ଘୁମୁରା ଉତ୍ସବ ପୂର୍ବରୁ ଆଜି ପଥୋତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମୂହିକ ବନ୍ଦେ ମାତରମ୍ ଗାନ କରିଥିଲେ। ଏହା ସହ ପଥୋତ୍ସବରେ ବିଭିନ୍ନ କଳାକୃତି, ଖାଦ୍ୟମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଭବାନୀ ପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, କଳାହାଣ୍ଡି ତହସିଲଦାର ଅନିମେଷ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ପାଣିପାଗ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୩ ଦିନ ମଧ୍ୟରେ ରାତିର ସର୍ବନିମ୍ନ ତାପମାତ୍ର ୨ ରୁ ୩ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି। ଏହା ପରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ

ହେବାର ସମ୍ଭାବନା ନାହିଁ। ଶୀତର ଲହରୀ ନେଇ କୌଣସି ଜିଲ୍ଲାକୁ ସତର୍କ ସୂଚନା କରାଯାଇନାହିଁ।

**********************************